ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୧ ଅକ୍ଟୋବର ୨୦୨୦



# ବଦଳୁଛି ସ୍ୱର୍ଗଦ୍ୱାର ଚିତ୍ର

ପୁରୀ ଅଫିସ, ୧୦।୧୦

ବଦଳୁଛି ସ୍ୱର୍ଗଦ୍ୱାର ଚିତ୍ର। ପୁରୁଣା ସ୍ୱର୍ଗଦ୍ୱାରକୁ ସୁବ୍ୟବସ୍ଥିତ ଢଙ୍ଗରେ ଦିଆଯାଉଛି ନୂଆ ରୂପ। ମୃତଦେହକୁ ଉଚିତ ସମ୍ମାନ ଓ ପରିଜନଙ୍କୁ ଅତ୍ୟାଧୁନିକ ସେବା ସୁବିଧା ଉପଲବ୍ଧ କରାଇବା ଲକ୍ଷ୍ୟରେ ଚାଲିଛି ନବୀକରଣ କାର୍ଯ୍ୟ। ପ୍ରତିଟି ହିନ୍ଦୁଙ୍କର ସ୍ୱର୍ଗଦ୍ୱାର ପ୍ରତି ରହିଥିବା ଆସ୍ଥା ଓ ବିଶ୍ୱାସ ଯେପରି ଅତୁଟ ରହିବ ତାହାକୁ ନଜରରେ ରଖାଯାଇଛି। ସ୍ୱର୍ଗଦ୍ୱାର ସହ ସଂସ୍କୃତି ଓ ପରମ୍ପରା ଜଡ଼ିତ ଥିବାରୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନିଆଯାଇଛି।

ବିଶ୍ୱାସ ରହିଛି, ସ୍ୱର୍ଗଦ୍ୱାରରେ ମୃତଦେହ ଦାହ କଲେ ଆତ୍ମା ମୋକ୍ଷ ପ୍ରାପ୍ତି ହୋଇଥାଏ। ଏଥିଲାଗି ଦୈନିକ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ମୃତଦେହ ସତ୍କାର ପାଇଁ ଆସିଥାଏ। କିନ୍ତୁ ଏଠାକାର ଅନେକ ସମସ୍ୟା ସମ୍ପର୍କୀୟଙ୍କୁ ଅସ୍ତବ୍ୟସ୍ତ କରିପକାଏ। ବେଳେବେଳେ ଶୋଷଣ ସାଙ୍ଗକୁ ଦାହ କାର୍ଯ୍ୟରେ ବି ହଇରାଣ ହେବାକୁ ପଡ଼ିଥାଏ। ତେଣୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଅବହେଳିତ ଅବସ୍ଥାରେ ଥିବା ସ୍ୱର୍ଗଦ୍ୱାରରେ ସବୁକିଛି ସୁବ୍ୟବସ୍ଥିତ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଗତବର୍ଷ ନଭେମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱର୍ଗଦ୍ୱାର ପୁନରୁଦ୍ଧାର ଲାଗି ୫ କୋଟି ଟଙ୍କା ମଞ୍ଜୁର କରିବା ସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି ପୀଠ ହଟାଇ ଦିଆଯିବାକୁ ଘୋଷଣା କରିଥିଲେ। ଏହାପରେ ଏ ଦିଗରେ ତତ୍ପରତା ପ୍ରକାଶ ପାଇଥିଲା। ତେଲଙ୍ଗାନାର ମହାପ୍ରସ୍ଥାନମ୍ ଢାଞ୍ଚାରେ ଏହାର ପୁନରୁଦ୍ଧାର ଲାଗି ନକ୍ସା ପ୍ରସ୍ତୁତ କରାଯାଇଥିଲା। ସ୍ୱର୍ଗଦ୍ୱାର କାର୍ଯ୍ୟ ସଂରଚନା ଏବଂ ନିର୍ମାଣ ନକ୍ସା ହାଇଦ୍ରାବାଦସ୍ଥିତ ଫୋନେକ୍ସ ଫାଉଣ୍ଡେଶନ କରିଥିଲା। ସେହି ଅନୁଯାୟୀ ଏବେ କାମ ଜାରି ରହିଛି।

ଏଠାରେ ୧୪ଟି ମୃତଦେହ ଦାହ ପିଣ୍ଡି ସହିତ ଗୋବର୍ଦ୍ଧନ ମଠ ଅଧୀନରେ ପରିଚାଳିତ ଶିବ ମନ୍ଦିରର ପୁନରୁଦ୍ଧାର କାମ ଚାଲିଛି। ପୂର୍ବରୁ ମୃତଦେହ ଆସିଲେ ତଳେ ରଖାଯାଉଥିଲା। ଗହଳି ସମୟରେ ବେଳେବେଳେ ପାର୍ଥିବ ଶରୀରରେ କାହାର ବି ଗୋଡ଼ ବାଜିଯାଉଥିଲା। ତେଣୁ ମୃତଦେହକୁ ସମ୍ମାନ ଦେବା ଲାଗି ସ୍ୱତନ୍ତ୍ର ଭାବେ ୬ଟି ଉଚ୍ଚ ପିଣ୍ଡି ନିର୍ମାଣ ହୋଇଛି। ପରିଜନଙ୍କ ପାଇଁ ପାନୀୟଜଳ, ଶୌଚାଳୟ ଓ ବିଶ୍ରାମ ପାଇଁ ସୁବନ୍ଦୋବସ୍ତ କରାଯାଇଛି।




- ମିଳିବ ଅତ୍ୟାଧୁନିକ ସେବା, ସୁବିଧା
- ସୁରକ୍ଷା ଉପରେ ନଜର ରଖିବ ୮ ସିସିଟିଭି
- ଜବରଦଖଲ ଜମିକୁ ମୁକ୍ତ କରାଯିବାକୁ ଦାବି

ସ୍ୱର୍ଗଦ୍ୱାର ପରିବେଶକୁ ସୁନ୍ଦର କରିବା ଲାଗି ଗଛ ଲଗାଯାଇଛି। ନିଜ ଆତ୍ମୀୟଙ୍କୁ ହରାଇଥିବା ସମ୍ପର୍କୀୟଙ୍କ ମନକୁ ଆନମନା କରିବା ଲାଗି ବାଜୁଛି ରାମଧୂନ ଓ ଗୁଞ୍ଜରିତ ହେଉଛି ଆଧ୍ୟାତ୍ମିକଭରା ଭଜନ। ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା ପାଇଁ ଲୁହା ବାରିକେଡିଂ କରାଯିବା ସହ ୮ଟି ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ସବୁ ବ୍ୟବସ୍ଥାର ତଦାରଖ ଲାଗି ୨୪ ଜଣିଆ ଟିମ୍ କାର୍ଯ୍ୟ କରୁଛି।

ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଏଠାକୁ ମୃତଦେହ ଦାହ ପାଇଁ ଆସୁଥିବା ଲୋକେ ଯେପରି ହଇରାଣ ନ ହେବେ ସେଥିଲାଗି ସେବା କେନ୍ଦ୍ର ଖୋଲାଯାଇଛି। ଆଗାମୀ ସମୟରେ ଏହି ସେବା କେନ୍ଦ୍ର ମାଧ୍ୟମରେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଚାଲୁ କରାଯିବ। ଗୋଟିଏ କାଉଣ୍ଟରରୁ ଟୋକନ ନେଇ ପରିଜନମାନେ ସମସ୍ତ ସୁବିଧା ପାଇପାରିବେ। ଦାହକ ଏବଂ ଶ୍ରାଦ୍ଧ କର୍ମ କରୁଥିବା ବ୍ରାହ୍ମଣଙ୍କ ପ୍ରାପ୍ୟ ସ୍ଥିରୀକୃତ ହେବ। ସେହିପରି ସ୍ୱର୍ଗଦ୍ୱାରରେ ଉପଲବ୍ଧ ଦ୍ରବ୍ୟ ମୂଲ୍ୟ ସ୍ଥିର କରାଯାଇ ଏକ ଚାର୍ଟ ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଗାଯିବ ବୋଲି ସାହୁ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ୧୬ ଏକର ପରିମିତ ସ୍ୱର୍ଗଦ୍ୱାର ଜମି ଏବେ ମାତ୍ର ୪୬ ଡେସିମିଲରେ ସୀମିତ ରହିଛି। ଏହି ୪୬ ଡେସିମିଲ ଜମିରେ ହିଁ ବିକାଶ କାମ ଚାଲିଛି। ଜବରଦଖଲ ଜମିକୁ ମୁକ୍ତ କରିବା ଲାଗି ଦାବି ହେଉଥିଲେ ମଧ୍ୟ ତାହା କରାଯାଇପାରିନାହିଁ। ସଚେତନ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ସରକାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଶହ ଶହ ବର୍ଷ ଧରି ରହିଥିବା ଲୋକଙ୍କ ଭିଟାମାଟିକୁ ଆଣିପାରିଲେ। ମାତ୍ର ସ୍ୱର୍ଗଦ୍ୱାର ଜମିକୁ ଅନେକ ବଡ଼ବଡ଼ିଆ ମାଡ଼ି ବସିଥିଲେ ମଧ୍ୟ ମୁକ୍ତ କରୁନାହାନ୍ତି। ଏହି ଜମିକୁ ମୁକ୍ତ କରାଗଲେ ସ୍ୱର୍ଗଦ୍ୱାର ବିକାଶ ଆହୁରି ପରିବ୍ୟାପ୍ତ ହୋଇପାରନ୍ତା।

## ସଂକ୍ଷେପରେ

### ୭ ଗ୍ରାମ, ୨ ୱାର୍ଡ ଆବଦ୍ଧାଞ୍ଚଳ

**ଖୋର୍ଦ୍ଧା ଅଫିସ,୧୦।୧୦ :** ଖୋର୍ଦ୍ଧା ଉପଖଣ୍ଡର ୪ବ୍ଲକର ୭ଟି ଗ୍ରାମ ଏବଂ ୨ଟି ୱାର୍ଡକୁ ଉପଜିଲାପାଳ ଅଶୋକ ବେହୁରିଆ ଆବଦ୍ଧାଞ୍ଚଳ ଭାବେ ଘୋଷଣା କରିଛନ୍ତି। ଖୋର୍ଦ୍ଧା ବ୍ଲକର କାନପୁର, ପଲ୍ଲା ତୋଟାପଡା, ନରଣଗଡ଼ ଏବଂ କୁରାଡ଼ମଲ୍ଲ ଏବଂ ଖୋର୍ଦ୍ଧା ପୌରାଞ୍ଚଳର ୱାର୍ଡ ନଂ. ୬ ନବିନାବାଗ ଓ ୱାର୍ଡ ନଂ. ୧୧ ଟିଏଲସି ରୋଡକୁ ଆବଦ୍ଧାଞ୍ଚଳ କରାଯାଇଛି। ସେହିପରି ବେଗୁନିଆ ବ୍ଲକର ଭୁଷୁଣିପାଟଣା, ବୋଲଗଡ଼ ବ୍ଲକର ଖଲିକୋଟ ଗ୍ରାମକୁ ଆବଦ୍ଧାଞ୍ଚଳ କରାଯାଇଛି। ସେହିପରି ବାଣପୁର ବ୍ଲକ ନାଚୁଣି ମାର୍କେଟ(ନାଚୁଣୀ ବାଇପାସରୁ କଲେଜ ଛକ)କୁ ଆବଦ୍ଧାଞ୍ଚଳ କରାଯାଇଛି।

### ମଦ ଜବତ, ୨ଗିରଫ

**ଚୌଦ୍ୱାର,୧୦।୧୦(ଡି.ଏନ୍.ଏ):** ଚୌଦ୍ୱାର ପୋଲିସ ୧୫୦ଲିଟର ମଦ ଜବତ କରିବା ସହ ଶନିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡ଼ପଦା ଗ୍ରାମର ବିନୋଦ ରାଉତ ଏବଂ ବାଣିପଦା ସାମଲ ସାହିର ଶରତ ସାମଲ। ଏନେଇ ଥାନାରେ ଏକ ମାମଲା (ନଂ.୪୭୦/୨୦)ରୁଜୁ ହୋଇଛି।

### ଚୋରି ସାମଗ୍ରୀ ଜବତ, ୩ ଗିରଫ

**ଖୁଣ୍ଟୁଣୀ,୧୦।୧୦(ଡି.ଏନ୍.ଏ):** ଖୁଣ୍ଟୁଣୀ ଥାନା ପୋଲିସ ଶନିବାର ଏକ ଚୋରି ଘଟଣାରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୟା ପଧାନ, ସୁକାନ୍ତ ବାରିକ ଓ ବାବୁଲି ନାଏକ। ସୂଚନା ଅନୁଯାୟୀ, ଭୋଗରା ବଜାରରେ ଡାଳଭାଗ ଗ୍ରାମର ଗୟାଧର ବାରିକଙ୍କ ଘର କାମ ହେଉଥିଲା। ରାତିରେ ଦୁର୍ବୃତ୍ତମାନେ ପାଣି ମଟର ପମ୍ପ, କଟର ମେଶିନ ସହ ୧କୁଇଣ୍ଟାଲ ରଡ୍ ଚୋରାଇ ନେଇଥିଲେ। ଗୟାଧରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୩/୨୦)ରୁଜୁକରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ମୋବାଇଲ ଫୋନ ଚୋରି: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ):** ଅଟୋରୁ ମାଛ ବ୍ୟବସାୟୀଙ୍କ ୨ଟି ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ଖାରବେଳନଗର ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅଞ୍ଚଳର ପରମାନନ୍ଦ ବେହେରା ଓରଫ କାର୍ତ୍ତିକ। ସୂଚନା ମୁତାବକ, ୟୁନିଟ-୪ ମାଛ ମାର୍କେଟରେ ମହମ୍ମଦ ସେର ଅଲ୍ଲୀଙ୍କର ଏକ ମାଛ ଦୋକାନ ରହିଛି। ସେ ଶୁକ୍ରବାର ଅଟୋରେ ଦୋକନକୁ ମାଛ ନେଇ ଯାଉଥିବା ବେଳେ ରେଡକ୍ରସ ଭବନଛକ ନିକଟରେ କୌଣସି କାମରେ ଅଟକିଥିଲେ। ଏହି ସମୟରେ ଅଭିଯୁକ୍ତ ମହମ୍ମଦଙ୍କର ୨ଟି ମୋବଇଲ ଫୋନ ଛଡାଇ ନେଇଥିଲେ। ଏନେଇ ମହମ୍ମଦଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ୨୩୧/୨୦)ରୁଜୁକରି ତଦନ୍ତ ଚଳାଇଥିଲା।

### ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୯୧ ନୂଆ ପଜିଟିଭ୍

**ଖୋର୍ଦ୍ଧା ଅଫିସ,୧୦।୧୦:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶନିବାର ୯୧ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୫୪ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୭, ବାଲିପାଟଣା ୨, ଭୁବନେଶ୍ୱର ବ୍ଲକ ୧୦, ଜଟଣୀ ୬, ଖୋର୍ଦ୍ଧା ବ୍ଲକ ୨୭, ବେଗୁନିଆ ୧୧, ବୋଲଗଡ଼ ୮, ଟାଙ୍ଗୀ ୬, ଚିଲିକା ୮ ଏବଂ ବାଣପୁରର ୬ଜଣ ରହିଛନ୍ତି। ଅନ୍ୟପଟେ ଶନିବାର ସୁଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ୧୧୩୨୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ୧୦୫୫୭ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୫୧୪ଜଣ ସକ୍ରିୟ ରହିଥିବା ବେଳେ ୫୧ଜଣଙ୍କ ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତା ୧୦୯୯, ବାଲିପାଟଣା ୭୭୬, ଭୁବନେଶ୍ୱର ବ୍ଲକ ୧୦୩୪, ଜଟଣୀ ୧୦୬୧, ଖୋର୍ଦ୍ଧା ବ୍ଲକ ୧୯୪୬, ବେଗୁନିଆ ୮୭୫, ବୋଲଗଡ଼ ୮୮୧, ଟାଙ୍ଗୀ ୧୦୫୧, ଚିଲିକା ୧୨୮୪ ଓ ବାଣପୁରର ୧୩୧୧ଜଣ ରହିଛନ୍ତି।

## ପୁରୀ: କରୋନା ସୁସ୍ଥ ସଂଖ୍ୟା ୧୦ ହଜାର ଟପିଲା

ପୁରୀ ଅଫିସ,୧୦।୧୦

ମହାମାରୀ କରୋନାରୁ ଏ ପର୍ଯ୍ୟନ୍ତ ପୁରୀ ଜିଲାର ୧୦ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ସୁସ୍ଥ ହେଲେଣି। ଶୁକ୍ରବାର ସୁଦ୍ଧା ୯,୯୨୮ ଜଣ ଆରୋଗ୍ୟ ଲାଭ କରିଥିବାବେଳେ ଶନିବାର ଏହି ସଂଖ୍ୟା ୧୦ ହଜାର ଟପିଛି। ହେଲେ ଏବେ ବି ଜିଲାରେ କରୋନା ସ୍ଥିତି ଗମ୍ଭୀର ରହିଛି। କିନ୍ତୁ ପୂର୍ବାପେକ୍ଷା ସଂକ୍ରମିତଙ୍କ ସଂଖ୍ୟା କମୁଥିବା ଲକ୍ଷ୍ୟ କରାଯାଇଛି। ଶନିବାର ଜିଲାରୁ ୧୧୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧,୨୪୧ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୦,୧୧୪ ଜଣ ଆରୋଗ୍ୟ ଲାଭ କରିଥିବା ବେଳେ ୧,୦୫୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ଜିଲାରୁ ୧,୦୩,୯୨୨ କୋଭିଡ୍ ଟେଷ୍ଟ କରାଯାଇଛି। ସୁସ୍ଥ ହାର ରହିଛି ୮୯.୯୭ ପ୍ରତିଶତ। ତେବେ ଶନିବାର ଚିହ୍ନଟଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳରୁ ୨୪ ଜଣ ଏବଂ ବିଭିନ୍ନ ବ୍ଲକ ଓ ଏନ୍ଏସିରୁ ୯୦ ଜଣ ରହିଛନ୍ତି।

**ପୁଣି ୧୧୪ ନୂଆ ଆକ୍ରାନ୍ତ ଚିହ୍ନଟ**



ପୁରୀ ରୋଟାରୀ କ୍ଲବ ସାଗର ପକ୍ଷରୁ ଶନିବାର ସାକ୍ଷରତା ଯୋଜନାରେ ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର ପାଠାଗାରକୁ ପୁସ୍ତକ ପ୍ରଦାନ କରାଯାଇଛି।

## ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ପିଲାଙ୍କୁ ପରାମର୍ଶ

ପୁରୀ ଅଫିସ, ୧୦।୧୦

ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଅନ୍‌ଲାଇନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଉତ୍କଳ ବାଲାଶ୍ରମର ଅଧୀକ୍ଷକ ଏବଂ ଅନ୍ତେବାସୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ବିଦ୍ୟୁତ୍ କୁମାର ମିଶ୍ର ଉଦ୍‌ଘାଟନ କରି ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜର ଶିଶୁ ରୋଗ ବିଶେଷଜ୍ଞ ଆସିଷ୍ଟାଣ୍ଟ ପ୍ରଫେସର ଡା. ନିହାର ରଞ୍ଜନ ମିଶ୍ର ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଲାଗି ଅଭିଭାବକଙ୍କୁ କହିଥିଲେ। ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଶ୍ରୀକାନ୍ତ ମିଶ୍ର ଅବସାଦ ଏକ ମାନସିକ ବ୍ୟାଧି ବୋଲି କହିଥିଲେ। ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର କହିଥିଲେ ଯେ, ଚିନ୍ତା କରିବା ବୟସ ଶିଶୁର ନୁହେଁ। ଶିଶୁଙ୍କ ମନରେ ଉପୁଜିଥିବା ପ୍ରଶ୍ନର ଉତ୍ତର ନିଜ ସମ୍ପର୍କୀୟଙ୍କଠାରୁ ପାଇବା ଦରକାର ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ କର୍ମଚାରୀମାନେ ପରିଚାଳନା କରିଥିଲେ।

## ଟ୍ରାଫିକ ଡିସିପିଙ୍କ କାର୍ଯ୍ୟକୁ ପୋଲିସ କମିଶନରଙ୍କ ପ୍ରଶଂସା

ଭୁବନେଶ୍ୱର,୧୦।୧୦ (ବ୍ୟୁରୋ)

ରାଜଧାନୀର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୨ ଗୁରୁତର ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଗ୍ରୀନ କରିଡର ଭିତରେ ଉଚିତ ସମୟରେ ବିମାନବନ୍ଦରକୁ ପଠାଯାଇଥିଲା। ଏ ନେଇ ଟ୍ରାଫିକ ଡିସିପି ଟୁଇଟ୍ ଜରିଆରେ ସୂଚନା ଦେବା ପରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ସୂଚନା ମୁତାବକ, କିମ୍ସ ଓ ଆମ୍ରି ହସ୍ପିଟାଲରେ ୨ଜଣ ରୋଗୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ଗତ ୭ ଓ ୮ ତାରିଖରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଆହୁରି ଅବନତି ଘଟିବା ସହ ହୃତ୍‌ପିଣ୍ଡ ଓ ଫୁସଫୁସ ପ୍ରତିରୋପଣ ଅତ୍ୟନ୍ତ ଜରୁରୀ ହୋଇପଡିଥିଲା। ଏଥିପାଇଁ ରାଜ୍ୟ ବାହାରକୁ ନିଆଯିବାର ଆବଶ୍ୟକତା ପଡ଼ିଥିଲା। ଏ ନେଇ ହସ୍ପିଟାଲ ପକ୍ଷରୁ କମିଶନରେଟ ପୋଲିସକୁ ସୂଚନା ଦିଆଯିବା ପରେ ଟ୍ରାଫିକ ଡିସିପି ସୌମ୍ୟାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତୁରନ୍ତ ଗ୍ରୀନ କରିଡର ବ୍ୟବସ୍ଥା କରାଯାଇଥିଲା। ଏହାପରେ ୨ ଜଣ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ଗ୍ରୀନ କରିଡର ଭିତରେ ସୁରୁଖୁରରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚା ଯାଇଥିଲା। କମିଶନରେଟ ପୋଲିସ ସେବା ଯୋଗାଇବା ପାଇଁ ସର୍ବଦା ତତ୍ପର ରହିଥିବା ପୋଲିସ କମିଶନର ଟୁଇଟ ମାଧ୍ୟମରେ ସୂଚନା ଦେଇଛନ୍ତି।

**ଗ୍ରୀନ୍ କରିଡ଼ର ୨ ଗୁରୁତର ରୋଗୀଙ୍କୁ ନିଆଯିବା ଘଟଣା**

## ଦଲାଲ ଠକିନେଲେ ୪୦ ଲକ୍ଷ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

**ଡାକ୍ତରଙ୍କ ଅଧିକ ଲାଭ ଆଶା ଧୂଳିସାତ୍**

ଅଧିକ ଲାଭ ଆଶାରେ ସେ ଶେୟାର ବଜାରରେ ଟଙ୍କା ବିନିଯୋଗ ପାଇଁ ନିଷ୍ପତ୍ତି ନେଇଥିଲେ। ଏହାପରେ ଜଣେ ଦଲାଲଙ୍କୁ ୪୦ଲକ୍ଷ ଟଙ୍କା ଦେଇଥିଲେ। ତେବେ ଠକେଇର ଶିକାର ହେବାରୁ ଏହି ଟଙ୍କା ହରାଇଛନ୍ତି। ଫଳରେ ତାଙ୍କ ଆଶା ଧୂଳିସାତ୍ ହୋଇଯାଇଛି। ଏଭଳି ଠକେଇର ଶିକାର ହୋଇଛନ୍ତି ଡମଣା ଅଞ୍ଚଳର ଡାକ୍ତର ବୀରେନ୍ଦ୍ର କିଶୋର ଦାସ। ଏ ନେଇ ଡାକ୍ତର ଦାସ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ନୀଳାଦ୍ରିବିହାର ଅଞ୍ଚଳରେ ଡାକ୍ତର ଦାସଙ୍କର ଏକ ହସ୍ପିଟାଲ ରହିଛି। ସମ୍ପୃକ୍ତ ଦଲାଲ ଜଣକ କିଛି ମାସ ତଳେ ତାଙ୍କ କାର୍ଯ୍ୟାଳୟକୁ ଆସି ଭେଟ କରିଥିଲେ। ଡାକ୍ତରଙ୍କୁ ମିଠା କଥା କହି ନିଜ ଜାଲରେ ଫସାଇଥିଲେ। ଡାକ୍ତରଙ୍କ ଗାଁ ବାଙ୍କୀ ଅଞ୍ଚଳରେ ସମ୍ପୃକ୍ତ ଦଲାଲଙ୍କ ଘର ହୋଇଥିବାରୁ ଡାକ୍ତର ତାଙ୍କୁ ବିଶ୍ୱାସ କରିଥିଲେ। ଏହାପରେ ଦଲାଲ ତାଙ୍କୁ ଶେୟାର ବଜାରରେ ଟଙ୍କା ଲଗାଇ ଲକ୍ଷାଧିକ ଟଙ୍କା ଲାଭ ପାଇବାର ଲୋଭ ଦେଖାଇ ଥିଲେ। ଶେୟାର ବଜାର ବିଷୟରେ ଡାକ୍ତର ଜଣଙ୍କ କିଛି ଜାଣି ନ ଥିବାରୁ ସେ ଏଥିରେ ଟଙ୍କା ବିନିଯୋଗ କରିବାକୁ ମନା କରିଦେଇଥିଲେ। କିନ୍ତୁ ଦଲାଲ ଜଣଙ୍କ ତାଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଆସିବା ସହ ଘରକୁ ଯାଇ ପରିବାର ଲୋକଙ୍କୁ ବୁଝାଇଥିଲେ। ଶେୟାର ବଜାରରେ ବିନିଯୋଗ କରିଥିବା ଅର୍ଥ ଉପରେ ସେମାନେ ୨୦ ପ୍ରତିଶତ ସୁଧ ପାଇବେ ବୋଲି କହିଥିଲେ। ଫଳରେ ଡାକ୍ତର ୨୩ଟି କିସ୍ତିରେ ୪୦ ଲକ୍ଷ ଟଙ୍କା ଦଲାଲଙ୍କୁ ଦେଇଥିଲେ। ଟଙ୍କା ପାଇବା ପରେ ଦଲାଲ ଜଣକ ଫେରାର ହୋଇଯାଇଥିଲେ। ଆଉ ଫୋନ୍ ଉଠାଇ ନ ଥିଲେ କି ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଠକେଇର ଶିକାର ହୋଇଥିବା ଜାଣି ଡାକ୍ତର ଦାସ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ରାଜ୍ୟସ୍ତରୀୟ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା

କଟକ ଅଫିସ,୧୦।୧୦

ରାଜ୍ୟ ଅଣ ଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ପକ୍ଷରୁ ଶନିବାର ରାଜ୍ୟସ୍ତରୀୟ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସଭାରେ ସଂଘ ସଭାପତି ଉପେନ୍ଦ୍ରନାଥ ରାଣା ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ପ୍ରଶାନ୍ତ ବେହେରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀ, ସଂଘର ପୂର୍ବତନ ସମ୍ପାଦକ ଫକିର ଚରଣ ପରିଡା, ପ୍ରାଣୀଧନ ନିରୀକ୍ଷକ ବିଶ୍ୱମୋହନ ବେହେରା, ଭେଟେରିନାରି ଟେକ୍ନିସିଆନ ସନ୍ତୋଷ ଜେଠି, ବିଚିତ୍ର ନାୟକ, ଗଞ୍ଜାମ ଜିଲାର ପ୍ରାଣୀଧନ ନିରୀକ୍ଷକ ଆର୍ ଦୁର୍ଯ୍ୟୋଧନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା 'କିଛି ସ୍ମୃତି କିଛି ଅନୁଭୂତି' ଉନ୍ମୋଚିତ ହୋଇଥିଲା। ଏହି ସଭାରେ ସାମାଜିକକର୍ମୀ କୈଳାସ ଚନ୍ଦ୍ର ବରାଳ, ଡା.ରମେଶ ଚନ୍ଦ୍ର ସାହୁ, ରଞ୍ଜନ କୁମାର ହୁମ, ରାମ ହରି ବେହେରା, ବସନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବୈରାଗୀ ଜେନାଙ୍କୁ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ

କଟକ ଅଫିସ,୧୦।୧୦

ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ସଂସଦ କାର୍ଯ୍ୟାଳୟରେ ଶନିବାର ସ୍ୱାଧୀନତା ସଂଗ୍ରାମୀ ତଥା ସାରସ୍ୱତ ସାଧକ ବିଶ୍ୱନାଥ ପଶାୟତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଡା. ଦୁର୍ଗାପ୍ରସାଦ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱନାଥ ପଶାୟତଙ୍କ ଭଳି ତ୍ୟାଗପୂତ ବ୍ୟକ୍ତିତ୍ୱଙ୍କ ଜୀବନାଦର୍ଶ ଯୁବପିଢିର ଧ୍ୟେୟ ହେବା ଉଚିତ କହିଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବିଶ୍ୱନାଥ ଜଣେ ସ୍ୱାଧୀନ ଚେତନାର ବ୍ୟକ୍ତିତ୍ୱ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି ନିଜ ବକ୍ତବ୍ୟରେ ବିଶ୍ୱନାଥ ମାନବ ସେବାକୁ ମାଧବ ସେବା ମଣୁଥିଲେ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆବାହକ ଡ. ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକ ପ୍ରଫେସର ଡ. ବୈରାଗୀ ଚରଣ ଜେନାଙ୍କୁ ଚଳିତବର୍ଷ ପାଇଁ 'ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୨୫ହଜାର ଟଙ୍କା, ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ପ୍ରଫେସର ପାବକ କାନୁନଗୋ, ଡ. ନୀରଦ କୁମାର ଗଚ୍ଛାୟତ, ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ଏବଂ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ, ବ୍ରଜ କିଶୋର ବେଉରା ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱନାଥ ପଶାୟତଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

## ବମିଖାଲରେ ଗାଡ଼ି, ସୁନ୍ଦରଗଡ଼ରୁ ଆସୁଛି ଚାଲାଣ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ନିୟମ ଉଲ୍ଲଂଘନ ପାଇଁ ଗାଡ଼ି ଚାଲାଣ କାଟିବାବେଳେ ବିଭିନ୍ନ ସମୟରେ ଟ୍ରାଫିକ ପୋଲିସ ଓ ଆର୍‌ଟିଓଙ୍କ ଭୁଲ ପଦାକୁ ଆସୁଛି। କେତେବେଳେ କାର ଓ ଟ୍ରକ୍ ଚାଳକଙ୍କୁ ହେଲମେଟ୍ ନ ପିନ୍ଧିବା ପାଇଁ ଜରିମାନା କରୁଛନ୍ତି ତ ଆଉ କେତେବେଳେ ବାଇକ ଚାଳକଙ୍କ ନାଁରେ ଭାରିଯାନ ନିୟମ ଉଲ୍ଲଂଘନ ନେଇ ଚାଲାଣ କଟାଯାଉଛି। ଘଟଣାକ୍ରମରେ ଭୁବନେଶ୍ୱର ବମିଖାଲରେ ରହୁଥିବା ପ୍ରସନ୍ନ ମାନସିଂଙ୍କ ପାଖକୁ ସୁନ୍ଦରଗଡ଼ ଟ୍ରାଫିକ ପୋଲିସ ପକ୍ଷରୁ ଏକ ଚାଲାଣ ଆସିଛି। ସେ ବିନା ହେଲ୍‌ମେଟ୍‌ରେ ସ୍କୁଟିରେ ଯାଉଥିବାରୁ ଗତ ସେପ୍ଟେମ୍ବର ୧୭ ରାତି ୯ଟା ୧୧ରେ ୧ ହଜାର ଟଙ୍କାର ଜରିମାନା କରାଯାଇଥିବା ଉକ୍ତ ଚାଲାଣରେ ଦର୍ଶାଯାଇଛି। କିନ୍ତୁ ଚାଲାଣଟି କେଉଁ ସ୍ଥାନରେ କଟାଯାଇଛି କିଛି ବି ଉଲ୍ଲେଖ ନାହିଁ। ଗତ ୫ ତାରିଖ ସୋମବାର ଦିନ ମୋବାଇଲ୍ ଫୋନ୍‌କୁ ଉକ୍ତ ଚାଲାଣ ଆସିଥିବା ଦେଖି ପ୍ରସନ୍ନ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସେ ସ୍କୁଟି ନେଇ ସୁନ୍ଦରଗଡ଼ ଯାଇ ନ ଥିବା ଓ ଅନ୍ୟକେହି ମଧ୍ୟ ତାଙ୍କୁ ଗାଡ଼ିକୁ ନେଇ ନ ଥିବାବେଳେ ସେଠାରୁ ଚାଲାଣ କିପରି ଆସିଲା ସେନେଇ ପ୍ରଶ୍ନ ଉଠାଇଛନ୍ତି। ବମିଖାଲରେ ପରିବାର ସହ ରହୁଥିବା ପ୍ରସନ୍ନଙ୍କ ସ୍କୁଟି (ନଂ.ଓଡି୦୨ଏକ୍ସ ୫୯୨୨) ଭୁବନେଶ୍ୱର ଆର୍‌ଟିଓରେ ପଞ୍ଜୀକୃତ ରହିଛି। ପ୍ରସନ୍ନଙ୍କ ବୟସ ୭୦ ପାଖାପାଖି ହୋଇଥିବାବେଳେ ସେ ଏହି ଗାଡିକୁ ଆଖପାଖ ଅଞ୍ଚଳରେ ହିଁ ବ୍ୟବହାର କରନ୍ତି। ଅନେକ ସମୟରେ ଗାଡିଟି ତାଙ୍କ ଘରେ ରୁହେ। ବେଳେବେଳେ ବିମିଖାଲରେ ଦୋକାନ କରିଥିବା ତାଙ୍କ ପୁଅ ଉକ୍ତ ଗାଡ଼ିରେ ଦୋକାନକୁ ଯାଇଥାନ୍ତି। ପ୍ରସନ୍ନଙ୍କର ସୁନ୍ଦରଗଡ଼ରେ କେହି ସମ୍ପର୍କୀୟ କି ବନ୍ଧୁ ନାହାନ୍ତି। ଏପରି ସ୍ଥଳେ ସୁନ୍ଦରଗଡ଼ ଟ୍ରାଫିକ ପୋଲିସର ଏଭଳି ଚାଲାଣ ପଠାଇବା ଘଟଣାକୁ ନେଇ ପ୍ରସନ୍ନ ପୋଲିସର ଖାମଖିଆଲ କାର୍ଯ୍ୟଧାରାକୁ ଦାୟୀ କରିଛନ୍ତି। ଚାଲାଣ କାଟିଥିବା ଥାନା ଅଧିକାରୀ ଗୋକୁଳ ନନ୍ଦ ସାହୁ କହିଛନ୍ତି, ମୋବାଇଲ ଫୋନ୍‌ରେ ରଙ୍ଗ ନମ୍ବର ଲାଗିବା ଭଳି ଚାଲାଣବେଳେ ଏଭଳି ତ୍ରୁଟି ହୋଇଯାଏ। ଚାଲାଣ କଟାଯିବା ସମୟରେ ଗୋଟିଏ ସଂଖ୍ୟା ଭୁଲ ହୋଇଗଲେ ତାହା ଅନ୍ୟ ଜଣଙ୍କ ନିକଟକୁ ଚାଲିଯାଇଥାଏ। ତେଣୁ ଏହି କ୍ଷେତ୍ରରେ ସେଭଳି ଭୁଲ୍ ହୋଇଛି। ଉକ୍ତ ବ୍ୟକ୍ତି ଅନ୍‌ଲାଇନ୍‌ରେ ଅଭିଯୋଗ କଲେ ଆମେ ଭୁଲ୍ ସୁଧାରିଦେବୁ ବୋଲି ସେ କହିଛନ୍ତି।

### ଖାମଖିଆଲ ଭାବେ ଜରିମାନା ଆଦାୟ

ପୁରୀ ଅଫିସ, ୧୦।୧୦

ସମ୍ପ୍ରତି କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପୁରୀ ସହରରେ କଡ଼ାକଡ଼ି ମାସ୍କ ଯାଞ୍ଚ ଚାଲିଛି। ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କଠାରୁ ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯାଉଛି। ଶନିବାର ଜଣେ ମୋବାଇଲ ବ୍ୟବସାୟୀ ବିନା ମାସ୍କରେ ଯାଉଥିବାବେଳେ ପୁରୀ ଦରଜି ପୋଖରୀ ଛକଠାରେ ମ୍ୟୁନିସିପାଲିଟିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ତାଙ୍କୁ ଅଟକାଇ ଜରିମାନା ଆଦାୟ କରିଥିଲେ। ତାଙ୍କଠାରୁ ୨୦୦ ଟଙ୍କା ଜରିମାନା ନେଇ ଏକ ରସିଦ୍ ଦେଇଥିଲେ। ସେଥିରେ ୧୦. ୧୦. ୨୦ ତାରିଖ ସ୍ଥାନରେ ୧୦. ୯.୧୦ ବୋଲି ଉଲ୍ଲେଖ ରହିଛି। ଏହି ଘଟଣାରୁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଖାମଖିଆଲ ମନୋଭାବ ପଦାରେ ପଡ଼ିଛି। ତେବେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



